# କାଳିଆ ଚାହାଁନା ତୁ ମତେ ଥରେ

କାଳିଆ ! ଚାହାନା ତୁ' ମତେ ଥରେ
ତୋ ଆଖି ପଡିଲେ ଏ କଳା ଜୀବନ
ଝଟକିବ ଦାଉ ଦାଉ ।
କାଳିଆ ଚାହାନା ତୁ ମତେ ଥରେ

ପାପ ପଙ୍କ ମୋର ହୃଦୟେ କାଳିମା
ଲିପି ଘଟାଇଛି କଳା
କଳା ସିନା ତୋର ଦେହରେ କାଳିଆ
ତୋ ଅନ୍ତର ଚିର ଧଳା
ସେ ଆଖିର ଛଟା ପଡି ଏ ଜୀବନ
ଶ୍ରୀ ଚରଣ ଲୀନ ହେଉ
କାଳିଆ ଚାହଁନା ତୁ ମତେ ଥରେ

ସଂସାର ଜଞ୍ଜାଳେ ଯୋଚିରେ କାଳିଆ
ମୋତେ କରିଦେଲୁ ସ୍ଥାଣୁ
ଶ୍ରୀରାମ ଶ୍ରୀହରି ନାମ ସଂକୀର୍ତ୍ତନ
ପାଇଁ ନାହିଁ କ୍ଷଣ ତେଣୁ
ତୋ କୃଷ୍ଣ କାଳିମା ବୋଳି ମୋ ଦେହଟା
କରି ଦିଏ ଦାଉ ଦାଉ ।
କାଳିଆ ଚାହଁନା ତୁ ମତେ ଥରେ

ରାଧା ରାଣୀ ଗୋପୀ ଗୋପାଳ ବାଳକେ
ଦଧି ଲବଣୀ ଖୁଆଇ
ପ୍ରେମ ସାଗରରେ ଅବଗାହୀ ତନୁ
ଦଧି ସମ ଦୀପ୍ତ ହୋଇ
ସେଇ ରାଧାରାଣୀ ପାଦେ ମନ ରହୁ
ନାମ ନିତ୍ୟ ଭଜୁଥାଉ
କାଳିଆ ଚାହାଁନା ତୁ ମତେ ଥାଉ

ଛଳ କପଟିଆ ଯମୁନା କୂଳିଆ
କଦମ୍ବ ମୂଳିଆ କାହ୍ନା
ଦହି, ସର ଖିଆ, ରାଧା ମନ ନିଆ
କବି ଡାକହେଉ ଘେନା
ତୁଇ ନନ୍ଦବଳା ଜଗନ୍ନାଥିଆରେ
ମନ ନାମ ରଟୁ ଥାଉ
କାଳିଆ ଚାହାନା ତୁ ମତେ ଥାଉ □ □

